ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥

ସକାଳ

ସୁସ୍ଥ ପରିବେଶ

ପରିବେଶର ସୁରକ୍ଷା ପାଇଁ ଆମେ ସମସ୍ତେ ଚିନ୍ତିତ । ବିଶ୍ୱବ୍ୟାପୀ ଉଦ୍‌ବିଗ୍ନତା । ଚାରିଆଡେ ଅଶାନ୍ତ ପରିବେଶ । ପୃଥିବୀ ମାତା କାନ୍ଦୁଛି । ଭଗବାନଙ୍କ ଏ ସୁନ୍ଦର, ଶାନ୍ତ ଓ ଉଦାର ସୃଷ୍ଟିକୁ ସ୍ୱାର୍ଥାନ୍ଧ ମଣିଷ ଆଜି ନିଜ ହାତରେ ଧ୍ୱଂସ କରି ଚାଲିଛି । ପରିବେଶ ଧ୍ୱଂସ ହେଲେ, ମଣିଷ ସମାଜ କେବଳ ନୁହେଁ, ସମଗ୍ର ଜୀବଜଗତର ସତ୍ତା ଏ ଧରାପୃଷ୍ଠରୁ ଲୋପ ପାଇଯିବ । ଏକ ସୁସ୍ଥ, ସୁନ୍ଦର ତଥା ସମୃଦ୍ଧଶାଳୀ ଜୀବଜଗତ ଗଠନ ପରିପ୍ରେକ୍ଷୀରେ ଏକ ପ୍ରଦୂଷଣମୁକ୍ତ ଓ ସୁନ୍ଦର ପରିବେଶର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କରିବା ଉଚିତ । ପରିବେଶ ପ୍ରଦୂଷଣ ଆଜି ଗୋଟାଏ ଦେଶ ପାଇଁ ଉଦ୍‌ବିଗ୍ନର କାରଣ ନୁହଁ, ସମଗ୍ର ବିଶ୍ୱ ଏଥିପାଇଁ ଚିନ୍ତିତ । ମାଟି, ଜଳ, ବାୟୁ, ବୃକ୍ଷଲତା, ଜୀବଜନ୍ତୁ ପ୍ରଭୃତି ଆମର ପରିବେଶ । ଜଙ୍ଗଲ ଧ୍ୱଂସ, ମୃତ୍ତିକା କ୍ଷୟ, ଜଳବାୟୁ ପ୍ରଦୂଷଣ ଜୀବଜଗତ ପ୍ରତି ଭୟଙ୍କର ବିପଦ ସୃଷ୍ଟି କରି ଚାଲିଛି । ବ୍ୟାପକ ଜନସଚେତନତା ସତ୍ତ୍ୱେ ମନୁଷ୍ୟ କିନ୍ତୁ ପ୍ରକୃତି ଓ ତା'ର ସୁନ୍ଦର ପରିବେଶକୁ ଧ୍ୱଂସ କରି ଚାଲିଛି । ଭାରତ ସରକାର ଜାତୀୟ ପରିବେଶ ସଚେତନତା ଅଭିଯାନ ମାଧ୍ୟମରେ ପ୍ରତିବର୍ଷ ସମଗ୍ର ଦେଶରେ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ଜଳ ସଂରକ୍ଷଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ସଂରକ୍ଷଣ ପ୍ରଭୃତି ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିଛନ୍ତି । କୋଟିକୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି । କିନ୍ତୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟାରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ । 'ଜଳ' ଜୀବନ ପାଇଁ ଅମୃତ । ତେଣୁ ଜଳର ଅନ୍ୟନାମ ଜୀବ । କିନ୍ତୁ ଜଳ ସଂପଦର ଅସଦୁପଯୋଗ ଯୋଗୁଁ ସମଗ୍ର ବିଶ୍ୱରେ ଏକ ଭୟଙ୍କର ବିପଦ ଦେଖା ଦେଇଛି । ଜଳ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ, ନାଳଝାଡ଼ା, ହଇଜା, ଟାଇଫଏଡ୍, କାମଳ ରୋଗ ଆଦି ବ୍ୟାପିଥାଏ । ତେଣୁ ଜଳ ପ୍ରଦୂଷଣର କାରଣ ଓ ନିରାକରଣ ସମ୍ପର୍କରେ ସମସ୍ତେ ସଚେତନ ହେବା ଉଚିତ । ବାୟୁ ସହିତ ମନୁଷ୍ୟର ସମ୍ପର୍କ ଜୀବନ ମରଣର ସମ୍ପର୍କ । ବାୟୁର ପ୍ରଦୂଷଣ ଜୀବଜଗତ ପାଇଁ କେତେ ବିପଦଜନକ ଆମେ ଜାଣିବା ଉଚିତ । ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ ଯଥା-ଶ୍ୱାସନାଳୀ ପ୍ରଦାହ ରୋଗ, ଫୁସ୍‌ଫୁସ୍ କର୍କଟ ରୋଗ ଓ ଅନ୍ୟାନ୍ୟ ଫୁସ୍‌ଫୁସ୍ ରୋଗ ସୃଷ୍ଟି ହୋଇ ଲକ୍ଷ ଲକ୍ଷ ପ୍ରାଣୀ ପଙ୍ଗୁ ହୋଇ ପଡିଛନ୍ତି । ସୃଷ୍ଟି ପ୍ରାରମ୍ଭରୁ ଜୀବଜଗତ ସହିତ ଜଙ୍ଗଲର ସମ୍ପର୍କ ରହି ଆସିଛି । ଜଙ୍ଗଲ ବିନା ସୃଷ୍ଟିର ବିକାଶ ଅସମ୍ଭବ । ଜୀବମଣ୍ଡଳରେ ଉଦ୍ଭିଦ ଜଗତ ଦ୍ୱାରା ମାନବ ସମାଜ ବହୁଳ ଭାବରେ ଉପକୃତ ହେଉଛି । ବୃକ୍ଷ ଯେଉଁ ଅମ୍ଳଜାନ ଦେଇଛି, ତ'ଦ୍ୱାରା ଜୀବଜଗତ ବଞ୍ଚି ରହିଛି । ଜଙ୍ଗଲ ଧ୍ୱଂସ ହେଲେ ମଣିଷ ସମାଜର ଅସ୍ତିତ୍ୱ ଲୋପ ପାଇଯିବ। ପରିବେଶ ବିଜ୍ଞାନୀମାନେ ସତର୍କବାଣୀ ଶୁଣାଇ ସାରିଲେଣି ଯେ, ଏବେଠାରୁ ଜଙ୍ଗଲ ସଂପଦ ସୁରକ୍ଷା ନ କଲେ, ଆଗାମୀ ପଚାଶ ବର୍ଷରେ ଜଗତରୁ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଧ୍ୱଂସ ପାଇଯିବ । ଫଳରେ ଜୀବଜଗତ ଭୟଙ୍କର ବିପଦର ସମ୍ମୁଖୀନ ହେବ । ଏପରିକି ଏହା ସମ୍ପୂର୍ଣ୍ଣ ଲୋପ ପାଇଯିବା ବିଚିତ୍ର ନୁହଁ । ଜୀବଜଗତ ପ୍ରତି ଆଉ ଏକ ଭୟଙ୍କର ପରିବେଶଜନିତ ବିପଦ ଦେଖା ଦେଇଛି । ତାହା ହେଲା ଜୈବ ବିବିଧତାର କ୍ଷୟ । ଏହାର ସଂରକ୍ଷଣ ପାଇଁ ନିକଟ ବର୍ଷମାନଙ୍କରେ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ଜନସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ହିସାବ କରି ଦେଖାଯାଇଛି ଯେ, ଅତୀତରେ ପ୍ରାୟ ୧୯୦ ବର୍ଷରେ ଗୋଟିଏ ପ୍ରାଣୀ ବା ଉଦ୍ଭିଦ ଲୋପ ପାଉଥିଲା । ବର୍ତ୍ତମାନ କିନ୍ତୁ ଏହି ଧ୍ୱଂସ ଏବଂ ବିଲୁପ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ପ୍ରତି ତିନି ଘଣ୍ଟାରେ ଗୋଟିଏ ଜୀବିତ ପ୍ରାଣୀ ଧରାପୃଷ୍ଠରୁ ବିଲୁପ୍ତ ହେଉଛି । ଜଳବାୟୁ ପରିବର୍ତ୍ତନ ମଧ୍ୟ ସିଧାସଳଖ ପ୍ରଭାବ ପକାଇଛି ଜୈବ ବିବିଧତା ଉପରେ । ଏହା ଯୋଗୁଁ ବଣଜଙ୍ଗଲ ନଷ୍ଟ ହେଉଛି । ଏଥିରେ ଥିବା ବୃକ୍ଷଲତା, ଜୀବଜନ୍ତୁ ବିଲୋପ ହେବାରେ ଲାଗିଛି । ସଞ୍ଚାଣ, ଘର ଚଢ଼େଇ ଭଳି ବହୁ ପକ୍ଷୀ ଧରାପୃଷ୍ଠରୁ ହଜି ହଜି ଗଲେଣି । ମାଛଚାଷ, ଗୋପାଳନ, କୁକୁଡା ଚାଷ ପ୍ରତି ଘୋର ବିପଦ ସୃଷ୍ଟି ହୋଇଛି । ଆମ ଜୀବନ ଓ ଜୀବିକା ପାଇଁ ଜୈବ ବିବିଧତା ସଂରକ୍ଷଣ ଏକାନ୍ତ ଆବଶ୍ୟକ । ଜୀବଜନ୍ତୁ ସଂରକ୍ଷଣ ସହିତ ବୃକ୍ଷଲତା, ଜଙ୍ଗଲ ସଂରକ୍ଷଣ ପାଇଁ ଦୃଷ୍ଟି ଦେବାକୁ ହେବ । ପ୍ରକୃତିର ଭାରସାମ୍ୟ, ଜୈବ ବିବିଧତାର ସଂରକ୍ଷଣ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ, ବ୍ୟାପକ ବନୀକରଣ, ଅଭୟାରଣ୍ୟ ସଂରକ୍ଷଣ, ବିଦ୍ୟୁତ ଶକ୍ତିର ସୀମିତ ବ୍ୟବହାର, ଜଳ ସଂରକ୍ଷଣ, ପଲିଥିନ୍ ବ୍ୟବହାର ନ କରିବାକୁ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ହେବ । ମନୁଷ୍ୟ ଆଜି ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ପରିବେଶକୁ ଧ୍ୱଂସ କରି ଚାଲିଛି । ଜଙ୍ଗଲ ଧ୍ୱଂସ, ମୃତ୍ତିକା କ୍ଷୟ, ତାପ, ଶବ୍ଦ, ଜଳ, ବାୟୁକୁ ପ୍ରଦୂଷିତ କରୁଛି । ସେ ପରିବେଶକୁ କ୍ଷୟ କରି ମାନବ ସମାଜକୁ ମୃତ୍ୟୁ ଆଡକୁ ଟାଣି ନେଉଛି । ଆମର ପ୍ରାକୃତିକ ସଂପଦ ସୀମିତ । ତେଣୁ ତାକୁ ସୁରକ୍ଷା ଦେବା ପାଇଁ ଆମର ଚେଷ୍ଟା ଅବ୍ୟାହତ ରହିବା ଆବଶ୍ୟକ । ପ୍ରକୃତି ଓ ପରିବେଶ ମଧ୍ୟରେ ଏକ ଭାରସାମ୍ୟ ରଖିବା ପାଇଁ ବୃକ୍ଷଲତା, ପାହାଡ, ପାର୍ବତ, ଜଳ, ବାୟୁ ଓ ତାପ ପ୍ରଭୃତିର ସୁରକ୍ଷା ଅବଶ୍ୟମ୍ଭାବୀ । ଜଙ୍ଗଲ ସଂପଦର ସୁରକ୍ଷା ତଥା ବ୍ୟାପକ ବୃକ୍ଷରୋପଣ ପାଇଁ ଜନସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ମାଟି ମା', ପରିବେଶ-ପ୍ରକୃତି ମା', ବୃକ୍ଷଦେବତା, ଜଳ ଜୀବନ, ବାୟୁ ପ୍ରାଣ ସୁରକ୍ଷିତ ରହିଲେ ହିଁ ମାନବ ସଭ୍ୟତା ସୁରକ୍ଷିତ ରହିବ । ଅନ୍ୟଥା ଏହା ଅଚିରେ ଧରାପୃଷ୍ଠରୁ ଲୋପ ପାଇଯିବ ।

ମାତ୍ରା ସମନାସ୍ତି

ଜ୍ଞାନ ପାଣ୍ଡିତ୍ୟ ଯୋଗୁଁ ଦରିଦ୍ର ହେଲେ ମଧ୍ୟ ମନୁଷ୍ୟ ସର୍ବତ୍ର ଶୋଭା ପାଇଥାନ୍ତି । ଉତ୍ତମ ସ୍ୱଭାବ ଯୋଗୁଁ କୁରୂପ ଅର୍ଥାତ୍ ରୂପହୀନ ବ୍ୟକ୍ତି ମଧ୍ୟ ସୁନ୍ଦର ଦେଖାଯାନ୍ତି । ଉଷ୍ଣତା ଯୋଗୁଁ ବା ଗରମ ହୋଇଥିଲେ କୁଭୋଜନ ମଧ୍ୟ ଉତ୍ତମ ଜଣାଯାଏ ଏବଂ ଚିରାଫଟା ପୋଷାକ ମଧ୍ୟ ଶୁଭ୍ରତା ଯୋଗୁଁ ଶୋଭା ପାଇଥାଏ । ''ଦରିଦ୍ରତା ଧୀର ତୟା ବିରାଜତେ କୁରୂପତାଶୀଳ ତୟା ବିରାଜତେ, କୁଭୋଜନଂ ଚୋଷ୍ଣତୟା ବିରାଜତେ କୁବସ୍ତ୍ରତା ଶୁଭ୍ରତୟା ବିରାଜତେ''। ଯେପରି ସୁବର୍ଣ୍ଣ ଚାରିଗୋଟି ପ୍ରକ୍ରିୟା ଦ୍ୱାରା ପରୀକ୍ଷା କରାଯାଇଥାଏ ଯଥା- ଘର୍ଷଣ, ଛେଦନ, ତାପ ପ୍ରୟୋଗ ଏବଂ ତାଡ଼ନ ସେହିପରି ମନୁଷ୍ୟ ମଧ୍ୟ ଚାରୋଟି ଜିନିଷ ଦ୍ୱାରା ପରୀକ୍ଷିତ ହୁଏ । ଯଥା- ପାଣ୍ଡିତ୍ୟ, କୁଳ, ଶୀଳ ଏବଂ କର୍ମ । '' ଯଥା ଚତୁର୍ଭିଃ କନକ ପରୀକ୍ଷ୍ୟତେ ନିଘର୍ଷଣଚ୍ଛେଦନ ତାପ ତାଡ଼ନୈଃ, ତଥା ଚତୁର୍ଭିଃ ପୁରୁଷଃ ପରୀକ୍ଷ୍ୟତେ ଶ୍ରୁତେନ ଶୀଳେନ କୁଳେନ କର୍ମଣା ।'' କୁଦେଶ ବା ଖରାପ ରାଜ୍ୟକୁ ଯାଇ କି ଅର୍ଥ ସଞ୍ଚୟ କରିବ? କୁପୁତ୍ର ପାଇ କି ତ୍ୟାଗ କରିବ ? ଜଳ ଅଞ୍ଜଳି ମଧ୍ୟ ମିଳିବ ନାହିଁ । ଖରାପ ଗୃହିଣୀ ପାଇ ଘରେ କି ସୁଖଲାଭ କରିବ ? ଖରାପ ଶିଷ୍ୟକୁ ପଢ଼ାଇ ଗୁରୁ କି ଯଶ ଅର୍ଜିବେ? ''କୁଦେଶ ମାସାଦ୍ୟ କୁତୋର୍ଥ ସଞ୍ଚୟଃ କୁପୁତ୍ର ମାସାଦ୍ୟ କୁତୋ ଜଳାଞ୍ଜଳିଃ, କୁମେହିନୀ ପ୍ରାପ୍ୟ ଗୃହେ କୁତ ସୁଖଂ କୁଶିଷ୍ୟ ମଧ୍ୟାପୟତ କୁତୋ ଯଶଃ ।'' ମାତାଙ୍କ ପରି ଶରୀର ପୋଷଣ କିଏ କରି ପାରେ ? ଚିନ୍ତା ତୁଲ୍ୟ ଶରୀରକୁ କିଏ ଶୋଷଣ କରିପାରେ ? ''ଭାର୍ଯ୍ୟା ସମ ନାସ୍ତି ଶରୀର ତୋଷଣଂ ବିଦ୍ୟା ସମନାସ୍ତି ଶରୀର ଭୂଷଣମ୍, ମାତ୍ରା ସମନାସ୍ତି ଶରୀର ପୋଷଣଂ ଚିନ୍ତା ସମ ନାସ୍ତି ଶରୀର ଶୋଷଣମ୍ ।'' ଭାର୍ଯ୍ୟା ପରି କିଏ ଶରୀର ତୋଷଣ କରିପାରେ? ବିଦ୍ୟାପରି କିଏ ଶରୀର ଭୂଷଣ କରିପାରେ ? ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ । ଗୁଣୀଲୋକ ହିଁ ଅନ୍ୟଜଣଙ୍କର ଗୁଣକୁ ଚିହ୍ନିପାରେ । ଗୁଣକୁ ଜାଣିପାରେ । ବଳବାନ୍ ଲୋକ ଅନ୍ୟଲୋକର ବଳ କଳନା କରିପାରେ ।

ହିନ୍ଦୁ ଧାର୍ମିକ ପରମ୍ପରାରେ ତ୍ରିବେଣୀ ଅମାବାସ୍ୟା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ। ଶାକ୍ତ ଦର୍ଶନର ବିକାଶରେ ବିରଜାଙ୍କୁ ଆଧାର କରି ଭାରତ ବର୍ଷରେ ବିଭିନ୍ନ ସ୍ଥାନରେ ମାତୃକା ପୂଜା ଏକଦା ଶୀର୍ଷ ସ୍ଥାନରେ ପହଞ୍ଚିଥିଲା। ମାତୃକା ମାନଙ୍କ ମଧ୍ୟରେ ସପ୍ତମାତୃକା, ଅଷ୍ଟମାତୃକା, ନବଦୂର୍ଗା, ଦଶ ମହାବିଦ୍ୟା, ଅଷ୍ଟାଦଶ ମାତୃଗଣ ଓ ଚତୁଃଷଷ୍ଠିଯୋଗିନୀ ଆଦି ପ୍ରସିଦ୍ଧ ଅଟନ୍ତି। ଶାକ୍ତ ସଂସ୍କୃତି ଓ ଦର୍ଶନରେ ମା'ବିରଜା ହେଉଛନ୍ତି ବୈଷ୍ଣବୀ, ଭବାନୀ ଓ ବ୍ରହ୍ମାଣୀ ସ୍ୱରେପିଣୀ। ତାଙ୍କୁ ସ୍ତୁତି ଗାନ କରାଯାଇ ଉଲ୍ଲେଖ ରହିଛି - 'ତ୍ୱଂ ଶକ୍ତିମୟୀ ବୈଷ୍ଣବୀ ଶୁଦ୍ଧରୂପା, ସର୍ବଂ ଚରାଚରଜଗଦ୍ ପରିପାସି ଶଶ୍ୱଦ୍। ବ୍ରହ୍ମାଣୀ ରୂପମଧିଗମ୍ୟ ସୃଜସୀତି ବିଶ୍ୱମ୍, ରୁଦ୍ରାଣୀ ରୁଦ୍ରବପୁରାଶ୍ରୟସେ ଯୁଗାନ୍ତେ।' ସେଥିଲାଗି ଚଳଚଞ୍ଚଳ ହୋଇଉଠେ ବିରଜାକ୍ଷେତ୍ର। ଏହା ମା'ଙ୍କର ମୁଖ୍ୟପର୍ବ ହୋଇଥିବାରୁ ପୀଠକୁ ସୁସଜ୍ଜିତ ଆଲୋକମାଳରେ ସଜାଯାଇ ଉତ୍ସବ ପାଳନ କରାଯାଏ। ଏହି ଦିନ ମା'ସାବିତ୍ରୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ସୁନା ଅଳଙ୍କାର ଓ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରାଯାଇ ବ୍ରହ୍ମାଙ୍କ ସହିତ ଗାୟତ୍ରୀ ମନ୍ତ୍ର ଦ୍ୱାରା ପୂଜା କରାଯାଏ ଯାହାକି ବ୍ରହ୍ମତନ୍ତ୍ରରେ ଉଲ୍ଲେଖ ଅଛି।

ଅନ୍ୟପକ୍ଷରେ ଏହି ଦିନଟି ମୁନି, ଋଷି ମାନଙ୍କର ଜନ୍ମଦିନ ଭାବେ ପାଳିତ ହେଉଥିବାରୁ ଏହି ଅମାବାସ୍ୟାକୁ ମଧ ମୌନ ଅମାବାସ୍ୟା କୁହାଯାଏ। ମକର ରାଶିରେ ସୂର୍ଯ୍ୟ ଓ ଚନ୍ଦ୍ର ଏହି ଦିନରେ ମିଳିତ ହୁଅନ୍ତି। ତେଣୁ ଏହି ଅମାବାସ୍ୟାର ମହତ୍ତ୍ୱ ବହୁତ ବଢ଼ିଯାଏ। ଏହି ଦିନରେ ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ପୂର୍ଣ୍ଣଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ପାଟନା ପଣ୍ଡିତ ଦୟାନନ୍ଦ ଋଷିଙ୍କ ଅନୁସାରେ ତ୍ରିବେଣୀ ଅମାବାସ୍ୟା ମୁନି, ଋଷିମାନଙ୍କର ଅମାବାସ୍ୟା ଅଟେ। ଏହିଦିନରେ ମୌନବ୍ରତ ପାଳନ କରାଯାଏ। ମୁନି ଶବ୍ଦରୁ ମୌନର ଉତ୍ପତ୍ତି ହୋଇଛି। ସେଥିପାଇଁ ଏହି ବ୍ରତରେ ଯେଉଁ ଋଷି ମୌନବ୍ରତ ଧାରଣ କରି ପୂର୍ଣ୍ଣ ଭାବରେ ପାଳନ କରନ୍ତି ତାଙ୍କୁ ଭଲ ସମ୍ମାନ ଓ ପଦବୀ ମିଳେ। ଏହି ଦିନରେ ମୌନ ରହି ଗଙ୍ଗା ଓ ଯମୁନା ନଦୀରେ ସ୍ନାନ କରନ୍ତି। ଯଦି ଏହ ଅମାବାସ୍ୟା ସୋମବାର ଦିନ ପଡ଼ିଥାଏ ଏହାର ମହତ୍ତ୍ୱ ଆହୁରି ବଢ଼ିଁଯାଏ। ପବିତ୍ର ମାଘମାସରେ ପଡ଼ୁଥିବା ଏହି ଅମାବାସ୍ୟାରେ ଗଙ୍ଗାଁସ୍ନାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ମାଘମାସର ଅମାବାସ୍ୟା ଓ ପୂର୍ଣ୍ଣମୀ ବହୁତ ପବିତ୍ରଦିନ। ଏହିଦିନ ପୃଥିବୀରେ ସୂର୍ଯ୍ୟ କି ଚନ୍ଦ୍ରକୁ କୌଣସି ନା କୌଣସି ସ୍ଥାନରେ ଗ୍ରହଣ ଲାଗିଥାଏ। ସେଥିପାଇଁ ଏହି ଦିନକୁ ଧର୍ମାତ୍ମାମାନେ ସ୍ନାନ ସାରି ଦାନ କର୍ମ କଲେ ପୁଣ୍ୟଫଳ ମିଳେ। ପୁରାଣ ଅନୁସାରେ ଏହି ଦିନ ପବିତ୍ର ନଦୀ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ। ସେଥିପାଇଁ ଏହି ଦିନରେ ଗଙ୍ଗା ସ୍ନାନର ବହୁତ ମହତ୍ତ୍ୱ ଅଛି। ଭକ୍ତମାନେ ପୂର୍ବରୁ ଏକତ୍ରିତ ହୋଇ କୁଡ଼ିଆ କରି ରହିଥାନ୍ତି। ପବିତ୍ର ଅମାବାସ୍ୟାରେ ଗଙ୍ଗା-ଯମୁନା-ସରସ୍ୱତୀ ନଦୀର ସଙ୍ଗମ ସ୍ଥାନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ଶରୀର ଶୁଦ୍ଧି ହୋଇଥାଏ। ଏହି ଦିନ ମୌନ ରହିଲେ ମନର ଶୁଦ୍ଧି ଆଉ ଦାନ କଲେ ଧନ ବୃଦ୍ଧି ହୁଏ ଏବଂ ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ଶାରୀରିକ, ଭୌତିକ ଓ ଦୈବିକ ପାପ ନାଶ ହୋଇଯାଏ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ୱର୍ଗର ସବୁ ଦେବତାମାନେ ଗଙ୍ଗାରେ ବାସ କରିଥାନ୍ତି ଯାହା ଫଳରେ କି ଏଠାରେ ସ୍ନାନ କଲେ ସବୁ ପାପ ଦୂର କରିଦିଅନ୍ତି। ପୁରାଣ ଅନୁସାରେ ତ୍ରିବେଣୀ ଅମାବାସ୍ୟା ଦିନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନଳ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ।

ଅସମ୍ଭବର ଆହ୍ୱାନ

ଡକ୍ଟର ନିଖିଳାନନ୍ଦ ପାଣିଗ୍ରାହୀ

ଯାଦୁକରମାନେ ଅନେକ ଖେଳ ମଞ୍ଚ ଉପରେ ଦେଖାଇଥାନ୍ତି, ଯେଉଁଥିରେ ଦର୍ଶକ ବୃନ୍ଦ ଚମକୃତ ହୋଇଥାନ୍ତି । ସାଧାରଣ ଭାବେ ଅବିଶ୍ୱନୀୟ ମନେ ହେଲେ ସୁଦ୍ଧା ସ୍ୱଚକ୍ଷୁରେ ଯଦି ଆମେ ଚମତ୍କାର ଘଟଣାମାନ ପ୍ରତ୍ୟକ୍ଷ କରୁ, ତାହା ହେଲେ ଅସମ୍ଭବକୁ ମଧ୍ୟ ଏକରକମ ମାନିବାକୁ ବାଧ୍ୟ ହେଉ । ଏହାକୁ ଚକ୍ଷୁବନ୍ଧନ, ଇନ୍ଦ୍ରଜାଲ ଇତ୍ୟାଦି ଭାବେ ନାମିତ କଲେ ସୁଦ୍ଧା ଏହାର ଚମତ୍କାରିତାକୁ ଅସାର ବା ଭିତ୍ତିହୀନ ବୋଲି କହି ହାଲୁକା ଭାବେ ଉଡ଼ାଇ ଦେଇ ହେବ ନାହିଁ।

ଇନ୍ଦ୍ରଜାଲ ଯେ ଲୋକଙ୍କ ଦ୍ୱାରା ବର୍ତ୍ତମାନ ଯୁଗରେ ଆଉ ଗ୍ରହଣୀୟ ହୋଇ ନାହିଁ ଏମିତି ମତ ପୋଷଣ କରିବା ଅବାନ୍ତର ମନେ ହୁଏ । ଲୋକେ ଭିନ୍ନ ଭିନ୍ନ କାରଣରୁ ଏହାର ଆଶ୍ରୟ ନେଇଥାନ୍ତି । ଆର୍.କେ. ମାଲାୟଥ ମାଲାପୁରମ୍ ଅନ୍ତର୍ଗତ ନିଲାମ୍ବୁରର ଜଣେ ଯାଦୁକର । ୨୨.୯.୨୦୦୮ରେ ଗୋଟିଏ ସାକ୍ଷାତକାର ସମୟରେ ସେ ପ୍ରକାଶ କରିଥିଲେ ଯେ, ତାଙ୍କର ଗ୍ରାମଟି ଯାଦୁବିଦ୍ୟା ପାଇଁ ପ୍ରସିଦ୍ଧି ଲାଭ କରୁଛି । ଏହି ବିଦ୍ୟା ଶିଖିବାକୁ ତାଞ୍ଜାଭୁର, ମଦୁରାଇ, ଭେଲୋର, ଏରୋଡ଼ ଓ କୋଏମ୍ବାତୁର ଜିଲ୍ଲାରୁ ଅନେକ ବ୍ୟକ୍ତି ଆସିଥାନ୍ତି । ପ୍ରତି ଅଧିବେଶନ ପାଇଁ ୫,୦୦୦ଟଙ୍କା ଫିସ୍ ଦେଇଥାନ୍ତି। ଯାହାକି ପ୍ରାୟ ଚାରିଦିନ ଚାଲିଥାଏ । ସୁପରଷ୍ଟାର ମୋହନଲାଲ୍‌ଙ୍କୁ ଯେତେବେଳେ ଆର୍.କେ. ମାଲାୟଥ ଯାଦୁବିଦ୍ୟା ଶିଖାଇଲେ, ଏହା ଜନସାଧାରଣଙ୍କ ଦୃଷ୍ଟି ବିଶେଷ ଭାବେ ଆକର୍ଷଣ କରିଥିଲା । ଜଣାଯାଏ ଯେ, ସନ୍ୟାସୀମାନେ ମୁଖ୍ୟତଃ ସେଠାକୁ ଏହି ବିଦ୍ୟା ଶିଖିବା ପାଇଁ ଯାଇଥାନ୍ତି । ଶୂନ୍ୟରୁ ପବିତ୍ର ଭସ୍ମ, ଶିବଲିଙ୍ଗ, ଲଡୁ ଇତ୍ୟାଦି ପଦାର୍ଥ ସୃଷ୍ଟି କରିବା ପ୍ରଣାଳୀ ଜାଣିବାକୁ ସେମାନେ ଖୁବ୍ ଆଗ୍ରହୀ । ଏମିତି ଅସମ୍ଭବ ଓ ଅସାଧାରଣ ଘଟଣା ମାଧ୍ୟମରେ ସେମାନେ ଭକ୍ତମାନଙ୍କ ବିଶ୍ୱାସଭାଜନ ହୋଇ ନିଜର ପ୍ରତିଷ୍ଠା ବଢ଼ାଇଥାନ୍ତି । ଏହା ଦ୍ୱାରା ସେମାନେ ବେଶ୍ ଉତ୍ତମ ବ୍ୟବସାୟ କରିବାରେ ସମର୍ଥ ହୋଇଥାନ୍ତି । ଲୋକଙ୍କୁ ଏମିତି କୌଶଳ ମାଧ୍ୟମରେ ପ୍ରଭାବିତ କରି ସେମାନେ ନିଜକୁ ଈଶ୍ୱରଙ୍କ ବରପୁତ୍ର ବୋଲି ମିଛରେ ପେଶ୍ କରିଥାନ୍ତି । ବାସ୍ତବରେ ଏଥିରେ କୌଣସି ପ୍ରକାର ଐଶ୍ୱରିକ ଶକ୍ତି ନ ଥାଏ । ପୂର୍ବରୁ ହାତ ପାହାନ୍ତାରେ ଲୁଚାଇ ରଖିଥିବା ଉକ୍ତ ପଦାର୍ଥମାନ ସେମାନ କୌଶଳ କ୍ରମେ ଦର୍ଶକଙ୍କ ଅଗୋଚରରେ ବାହାର କରି ବାହାବା ନେଇଥାନ୍ତି । ଯେହେତୁ ଏହି ଉପାୟରେ ତଥାକଥିତ ସର୍ବତ୍ୟାଗୀ ସନ୍ୟାସୀମାନେ ପ୍ରଚୁର ଅର୍ଥ କମାଇଥାନ୍ତି, ଏହା ଶିଖିବାକୁ ଯାଦୁ-ତାଲିମ କେନ୍ଦ୍ରରେ ଅଧିବେଶନ ପିଛା ୧୫,୦୦୦/- ଯାଏଁ ଟଙ୍କା ଫିସ ଦେବାକୁ ସେମାନେ ପଛଘୁଞ୍ଚା ଦିଅନ୍ତି ନାହିଁ । ମାଲାୟଥଙ୍କ ଉପରୋକ୍ତ ମନ୍ତବ୍ୟ ଏକପାଖିଆ ମନେ ହୁଏ ବୋଲି କେତେକ ବ୍ୟକ୍ତି ଯୁକ୍ତି କରିପାରନ୍ତି । ଯାଦୁବିଦ୍ୟା ଶିଖୁଥିବା ସବୁ ଯୋଗୀ ଭଣ୍ଡ-ତପସ୍ୱୀ ନ ହୋଇପାରନ୍ତି । ଅସମ୍ଭବକୁ ଯିଏ ସମ୍ଭବ କରିପାରେ- ଆମେ ତାକୁ ବିଶେଷ ମହତ୍ତ୍ୱ ଦେଉ । ଲୋକଙ୍କ ମତିଗତିକୁ ଦୃଷ୍ଟିରେ ରଖି କିଛି ସନ୍ୟାସୀଙ୍କ ମତରେ ଅପକୌଶଳ ଦ୍ୱାରା ଲୋକଙ୍କୁ ପ୍ରଭାବିତ କରି ଭଗବତ୍ ମାର୍ଗ ଆଡ଼କୁ ପରି ଶେଷରେ ପରିଚାଳିତ କରିପାରନ୍ତି । ତେଣୁ ଜଣେ ସାଧାରଣ ବ୍ୟକ୍ତିକୁ ଈଶ୍ୱରଙ୍କ ନିକଟତର କରିବା ପରି ମହତ କାର୍ଯ୍ୟ ସକାଶେ ସନ୍ୟାସୀଙ୍କ ଉକ୍ତ ପନ୍ଥା ପ୍ରଶଂସନୀୟ ମାତ୍ର । ଆମ ପକ୍ଷରେ ଏହି ଯୁକ୍ତି ଗ୍ରହଣୀୟ ନୁହେଁ । କାରଣ ଏହା କୁଟନୀତି ଉପରେ ପର୍ଯ୍ୟବେଶିତ, ଧର୍ମନୀତି ବା ସାଧୁତ ଉପରେ ନୁହେଁ । ତଥାପି ଏଠାରେ ଉଲ୍ଲେଖନୀୟ ଯେ, କେବଳ ଧର୍ମ କ୍ଷେତ୍ରରେ ନୁହେଁ ଅନ୍ୟତ୍ର ମଧ୍ୟ ଯାଦୁ ବିଦ୍ୟାରେ ଆଦୃତି ରହିଛି । ଏହି ପରିପ୍ରେକ୍ଷୀରେ ମନେ ରଖିବା ଉଚିତ ହେବ ଯେ, ମଣିଷର ଯେଉଁ ଆଦିମ ଆକାଙ୍‌କ୍ଷା ରହିଛି, ତାହା ଏଥିରେ ସାର୍ଥକ ହେଉଥିବା ଅନ୍ତତଃ ପ୍ରତୀୟମାନ ହେଉଛି ।

କଥା ପ୍ରସଙ୍ଗରେ ଆମେ ବ୍ରିଟିଶ ଲେଖିକା ଜେ.କେ ରାଉଲିଂଙ୍କ ପ୍ରସିଦ୍ଧ କିଶୋର ଉପନ୍ୟାସ-ମାଳା ପ୍ରତି ଦୃଷ୍ଟି ଦେଇପାରୁ । ତାଙ୍କର ପ୍ରଥମ ଉପନ୍ୟାସ ୧୯୯୭ରେ ଯେତେବେଳେ ''ହ୍ୟାରି ପୋଟର ଆଣ୍ଡ ଦା ଫିଲାସଫରସ୍'' ଶୀର୍ଷକରେ ପ୍ରକାଶିତ ହେଲା, ଏହା ବିଶ୍ୱସାରା ଚହଳ ସୃଷ୍ଟି କରିଥିଲା । ପରବର୍ତ୍ତୀ ଦଶ ବର୍ଷ ମଧ୍ୟରେ ତାଙ୍କର ଅନ୍ୟ ଛଅ ଗୋଟି ଉପନ୍ୟାସ ଏହି ଅନୁକ୍ରମରେ ପ୍ରକାଶ ପାଇଲା । ସପ୍ତମ ତଥା ଶେଷ ଉପନ୍ୟାସ ''ହ୍ୟାରି ପୋଟର ଆଣ୍ଡ ଦା ଡ଼େଥଲି ହ୍ୟାଲୋସ'' ୨୦୦୭ରେ ଉଦ୍‌ଘାଟିତ ହେଲା । ଫୋର୍ବସ୍ ମ୍ୟାଗାଜିନ୍ ତରଫରୁ ଜଣାଯାଏ ଯେ, ହ୍ୟାରି ପୋଟର ସିରିଜ୍ ଯୋଗୁଁ ରାଉଲିଂ ଜଣେ ଦୁସ୍ଥ, ଦାରିଦ୍ର୍ୟ-ପ୍ରପୀଡ଼ିତ ମହିଳାରୁ ପ୍ରମୁଖ ବିତ୍ତଶାଳୀ ବ୍ୟକ୍ତିଭାବେ ପରିଗଣିତ ହେଲେ । ପ୍ରତି ସେକେଣ୍ଡରେ ତାଙ୍କର ଉପାର୍ଜନ ହେଉଛି ପାଞ୍ଚ ପାଉଣ୍ଡ । କେବଳ ୨୦୦୭ ସାଲରେ ସେ ୧୭୦ ନିୟୁତ ପାଉଣ୍ଡ ରୋଜଗାର କରିଛନ୍ତି । ବହିଟିର ୨୦୦୮ ସାଲ ସୁଦ୍ଧା ୪୦୦ ନିୟୁତ କପି ବିକ୍ରୀ ହୋଇ ସାରିଛି ଏବଂ ଏହା ୬୭ଟି ଭାଷାକୁ ଅନୁଦିତ ହୋଇଛି । ଏହି ସିରିଜ୍‌ର ପୁସ୍ତକମାନ ବହୁ ପୃଷ୍ଠା ବିଶିଷ୍ଟ । 'ସୋର୍ ସୋରସ୍ ଷ୍ଟୋନ୍'ରେ ଅଛି ୩୦୯ ପୃଷ୍ଠା । ଡ଼େଥିଲି ହ୍ୟାଲୋସ୍‌ରେ ରହିଛି ୭୮୪ ପୃଷ୍ଠା । ଏମିତି ଦୀର୍ଘକାୟ ସତ୍ତ୍ୱେ ପିଲାମାନେ ଏହି ପୁସ୍ତକ-ପଢାରେ ନିମଜ୍ଜିତ ମନ୍ତ୍ରମୁଗ୍ଧ ।

ଯୁକ୍ତରାଷ୍ଟ୍ରର ନ୍ୟାସନାଲ୍ ଏଣ୍ଡୋମେଣ୍ଟ ଫର ଦା ଆର୍ଟସ୍‌ର ଚେୟାରମ୍ୟାନ ଡ଼ୋନା ଗ୍ଲୋରିଆ ଏଇ ପୁସ୍ତକମାଳା ସମ୍ପର୍କରେ କହିଛନ୍ତି ଯେ, ଏମିତି ଦୀର୍ଘ ଓ ଯଥାଯଥ ଜଟିଳ ବହି ନିୟୁତ ନିୟୁତ ପିଲାଙ୍କୁ ପଢ଼ିବା ସକାଶେ ବାଧ୍ୟ କରିପାରିବା ଏକ ଅସାଧାରଣ ବିଷୟ । ଏହା ଶିଶୁଙ୍କ ପକ୍ଷେ ଏକ ବିସ୍ମୟଜନକ ସଫଳତା । ଏହାଦ୍ୱାରା ପିଲାଙ୍କ ମନରେ ପୁସ୍ତକ ପଢ଼ା ପ୍ରତି ଅତିଶୟ ଆଗ୍ରହ ସୃଷ୍ଟି ହୋଇପାରିଛି । ପିଲାମାନେ ''ଗେମ୍ ବୟ''ତଥା ଅନ୍ୟାନ୍ୟ ସୌଖିନ ଇଲେକ୍‌ଟ୍ରୋନିକ ମାଧ୍ୟମ ଠାରୁ ଦୃଷ୍ଟି ହଟାଇ ପୁସ୍ତକ-ପଠନ ପ୍ରତି ମନୋନିବେଶ କରିଛନ୍ତି । ଏହା ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ନିଶ୍ଚୟ । ରାଉଲିଂଙ୍କ ଏତାଦୃଶ ପୁସ୍ତକ-ସଂଖ୍ୟା ବଢ଼ିଥିଲେ, ଆହୁରି ଭଲ ହୋଇଥାନ୍ତା । ତେବେ ପ୍ରଶ୍ନ ଉଠୁଛି, ରାଉଲିଂଙ୍କ ବହି ପାଇଁ ପିଲାମାନେ ଏମିତି ପାଗଳ କାହିଁକି ? ପୁସ୍ତକମାନଙ୍କର ନାୟକ ହେଉଛି ଜଣେ କିଶୋର ପ୍ରତିଭାଶାଳୀ ବାଜିକର ହ୍ୟାରି ପୋଟର । ଏଥିରେ ମୁଖ୍ୟତଃ ଦୁଇଟି ଶ୍ରେଣୀର ବ୍ୟକ୍ତି ଅଛନ୍ତି । ଯେଉଁମାନେ ଯାଦୁବିଦ୍ୟା ସହିତ ଜଡ଼ିତ ସେମାନଙ୍କୁ ଉ୍ୱିଚ୍ ବା ଉ୍ୱିଜାର୍ଡ଼ ଆଖ୍ୟା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ''ମାଗିସ୍'' ବୋଲି ନାମିତ କରାଯାଇଛି । ସମାଲୋଚକଙ୍କ ମତରେ ଏହା ଫାଣ୍ଟାସି-ଉପନ୍ୟାସ ପର୍ଯ୍ୟାୟଭୁକ୍ତ, ଯେଉଁଥିରେ ଇନ୍ଦ୍ରଜାଲ ଏବଂ ଅନ୍ୟ ଅଲୌକିକ ଶକ୍ତିର ବ୍ୟାପକ ପ୍ରୟୋଗ କରାଯାଇଛି । ପ୍ରକୃତିର ନିୟମମାନ ଏଥିରେ ଉଲଂଘନ କରାଯାଇଛି । ତେବେ ବହିର ପ୍ରାରମ୍ଭରେ ନିର୍ଦ୍ଧାରିତ ନିୟମାବଳୀ ଯୁକ୍ତିସଂଗତ ଭାବେ ଶେଷ ଯାଏଁ ଅନୁସୃତ ହୋଇଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଏଥିରେ ବର୍ଣ୍ଣିତ ଘଟଣାମାନ କିଛି କ୍ଷେତ୍ରରେ ଦିବାସ୍ୱପ୍ନ ପରି ମନେ ହେଉଥିଲେ ସୁଦ୍ଧା ମନୋମୁଗ୍ଧକର କଳ୍ପନା ପ୍ରବଣତା ଏହାକୁ ଅଚ୍ଛାଦିତ କରି ରଖିଛି ।

ଫାଣ୍ଟାସି-ସାହିତ୍ୟରେ ଯାଦୁ ବିଦ୍ୟାର ଅନେକ ସ୍ଥଳରେ ସଫଳ ପ୍ରୟୋଗ କରାଯାଇଥାଏ । ଯାଦୁ -ଶିକ୍ଷକ ମାଲାୟଥଙ୍କ ସୂଚନା ଅନୁଯାୟୀ ଏହା ଅନୈତିକ ଭାବେ ଧର୍ମ କ୍ଷେତ୍ରରେ ବ୍ୟବହୃତ ହେଉଥିଲେ ସୁଦ୍ଧା ଭିନ୍ନ ଭିନ୍ନ କ୍ଷେତ୍ର ବା ବିଭାଗରେ ଇନ୍ଦ୍ରଜାଲ ପରି ବିଦ୍ୟାର ଜବରଦସ୍ତ ପ୍ରବେଶ ସର୍ବସାଧାରଣଙ୍କ ମାନସିକତା (ଯଥା : ଚମତ୍କାରିତା ପ୍ରତି ଆକର୍ଷଣ ଓ ଆସକ୍ତି) ଯୋଗୁଁ ସମ୍ଭବ ହୋଇପାରୁଛି । ଦୃଷ୍ଟାନ୍ତ ଭାବେ, ଆମେ ଖ୍ରୀଷ୍ଟଧର୍ମକୁ ବିଚାର କରିପାରୁ । ସେଇ ମତ ଅନୁସାରେ ସନ୍ଥତ୍ୱ ପ୍ରାପ୍ତ ହେବା ପାଇଁ କିଛି ଚମତ୍କାରିତା ପ୍ରଦର୍ଶନ କରିବା ଜରୁରୀ । କ୍ୟାଥୋଲିକ୍ ଧର୍ମାବଲମ୍ବୀ ଆମ ଦେଶର ଆଲଫୋନ୍ସାଙ୍କୁ ଯେତେବେଳେ ୨୦୦୮ ଶେଷ ଆଡ଼କୁ ସନ୍ଥ ବୋଲି ଘୋଷଣା କରାଗଲା, ସେଇ ସମୟରେ ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା ।

୧୯୧୦ରେ କେରଳର ଭାରାଗନମ୍ ଠାରେ ଜନ୍ମିତା ଆଲ୍‌ଫୋନ୍‌ସା ମାତ୍ର ୩୬ ବର୍ଷ ବୟସରେ ୧୯୪୬ରେ ମୃତ୍ୟୁବରଣ କରିଥିଲେ । ସୁନ୍ଦରୀ ଆଲ୍‌ଫୋନ୍‌ସା ଗୋଟିଏ ଧନାଢ଼୍ୟ ପରିବାରରେ ଭୂମିଷ୍ଠ ହୋଇଥିଲେ । ସେ ଖୁବ୍ ବିନୟୀ ଥିଲେ । ତାଙ୍କ ପାଇଁ ବରଖୋଜା ବେଳେ ସେ ଏଥିରେ ମନଧ୍ୟାନ ଆଦୌ ଦେଇନଥିଲେ । କାରଣ ଅବିବାହିତ ରହି ଚର୍ଚ୍ଚ ସହିତ ସଂପୃକ୍ତ ହେବା ଏବଂ ସାରା ଜୀବନ ଧର୍ମ କାର୍ଯ୍ୟରେ ବିତାଇବା ତାଙ୍କର ଲକ୍ଷ୍ୟ ଥିଲା । ଚାରାକୁଡୁ ପାଳନ ବେଳେ ସେ ଜ୍ୱଳନ୍ତ ନଡ଼ାର ଖାତରେ ସ୍ୱତଃ ପ୍ରବୃତ୍ତ ଭାବେ ଗୋଡ଼ ପୂରାଇ ଦୈହିକ ଯନ୍ତ୍ରଣା ବରଣ କରିଥିଲେ ଏବଂ ଏହି ଘଟଣାରୁ ଦୀନ ଦୁଃଖୀଙ୍କ ପୀଡ଼ାର ତୀବ୍ରତା ଅଙ୍ଗେ ନିଭାଇଥିଲେ । ଏଥିରୁ ଆରମ୍ଭ ହୋଇଥିଲା ପବିତ୍ର ଓ କଷ୍ଟ ସାଧ୍ୟ ଜୀବନ ଯାପନ । ସେ ମଦର୍ ଟେରେସାଙ୍କ ପରି ସାମାଜିକ କ୍ଷେତ୍ରରେ ସଂପୂର୍ଣ୍ଣ ଭାବେ ନିୟୋଜିତ ନ ହୋଇ ଥିଲେ ସୁଦ୍ଧା ମଣିଷର ଅନ୍ତର୍ନିହିତ ଆଧ୍ୟାତ୍ମିକ ପୂର୍ଣ୍ଣତା ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ନିଜ ଜୀବନ ଶୈଳୀ ଦ୍ୱାରା ପ୍ରଭାବଶୀଳୀ ଢ଼ଙ୍ଗରେ ଅନୁପ୍ରାଣିତ କରିଥିଲେ । ଆଲ୍‌ଫୋନ୍‌ସାଙ୍କ ଝିଆରୀ ରୋଜ୍ ଗୋଟିଏ ସାକ୍ଷାତକାର ସମୟରେ ପ୍ରକାଶ କରିଥିଲେ - ''ପିଲାମାନେ ପରୀକ୍ଷାରେ ବସିବା ପୂର୍ବରୁ ଧରାବନ୍ଧା ଭାବେ ସେମାନଙ୍କ କଲମକୁ ଆଶୀର୍ବାଦ ଦେବାକୁ ଆଲ୍‌ଫୋନ୍‌ସାଙ୍କୁ ପ୍ରାର୍ଥନା କରୁଥିଲେ ।'' ସେମାନେ ଲକ୍ଷ୍ୟ କଲେ ଯେ, ଏହା ଫଳରେ ସେମାନଙ୍କ ପରୀକ୍ଷା ଫଳ ଭଲ ହେଉଥିଲା ଓ ତାଙ୍କ (ଆଲ୍‌ଫୋନ୍‌ସାଙ୍କ) ଜୀବନ କାଳ ମଧ୍ୟରେ ଏଇ ବିଷୟ ପ୍ରଚାରିତ ହୋଇଥିଲା ।

କମ୍ ବୟସରେ ମୃତ୍ୟୁ ଲାଭ କରିବା ପରେ ଆଲ୍‌ଫୋନ୍‌ସାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବେଳେ ଫାଦର ରୋମୁଲସ ଅଳ୍ପ ସଂଖ୍ୟାରେ ଜମା ହୋଇଥିବା ସେଠାକାର ଲୋକଙ୍କୁ ଉପଦେଶ ଶୁଣାଇଥିଲା, ''ଆଜି ଏଠାରେ ଭିଡ଼ ନାହିଁ କିନ୍ତୁ ଭାରାଗନମ୍ (ଦକ୍ଷିଣ କେରଳର ଯେଉଁ ସ୍ଥାନରେ ତାଙ୍କୁ ସମାଧି ଦିଆଯାଇଥିଲା) ଦିନେ ଲିଫୁ ଅର୍ଥାତ୍ ସେଣ୍ଟ ଲିଟିଲ୍ ଟେରେସାଙ୍କ ଜନ୍ମ ସ୍ଥାନ ଭାବେ ପରିଚିତ ହେବ ।'' ପରବର୍ତ୍ତୀ କାଳରେ ପାଦର ରୋମୁଲସ୍‌ଙ୍କୁ ଯେତେବେଳେ ଏଇ ସମ୍ପର୍କରେ ସ୍ମରଣ କରାଗଲା, ସେ କହିଥିଲେ ଯେ, ସେ ନିଜ ଉକ୍ତିର କାରଣ ସେତେବେଳେ ନିଜେ ଜାଣି ନଥିଲେ । ହୁଏତ ତାଙ୍କ ମୁହଁରୁ ଏଇ ଦୈବବାଣୀ ନିଃସୃତ ହୋଇଥିଲା ।

ଆଲ୍‌ଫୋନ୍‌ସାଙ୍କ ୨୦୦୮ରେ ସନ୍ଥତ୍ୱ ପ୍ରଦାନ କରାଗଲା । ଏହା ଦ୍ୱାରା ଆମ ଦେଶରେ ପ୍ରଥମ ଥର ପାଇଁ ଜଣେ ନନ୍ ଏମିତି ଏକ ବିରଳ ଅସାଧାରଣ ଗୌରବ ପ୍ରାପ୍ତ ହେଲେ । ତେବେ ଏହାର ସର୍ବଶ୍ରେଷ୍ଠ କାରଣ ହେଉଛି ତାଙ୍କ ଜୀବନରେ ଘଟିଥିବା ଚମତ୍କାରିତା, ଯାହାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ପରୀକ୍ଷା ନିରୀକ୍ଷା ପାଇଁ ଅର୍ଦ୍ଧ ଶତାଧିକ ବର୍ଷ ଇତ୍ୟବସରରେ ବିତିଗଲା । କେବଳ ଖ୍ରୀଷ୍ଟ ଧର୍ମ ନୁହେଁ, ଅନ୍ୟାନ୍ୟ ଧର୍ମରେ ମଧ୍ୟ ଏତାଦୃଶ ମାନସିକତା ପରିଲକ୍ଷିତ ହୁଏ । ବୁଦ୍ଧଦେବ ଜନ୍ମ ହେବା ସମୟରେ ଅନେକ ଆଶ୍ଚର୍ଯ୍ୟଜନକ ଶୁଭ ଘଟଣା ଘଟିଥିବା ବିଷୟ ଉଲ୍ଲେଖ କରାଯାଇଛି । ସେମିତି ଆମ ଧର୍ମରେ ମଧ୍ୟ ଭଗବାନଙ୍କ ଅବତାର ଧରାପୃଷ୍ଠରେ ଅବିର୍ଭାବ ହେବା ସମୟରେ ଏଇ ଧରଣର ବହୁବିଧ ବର୍ଣ୍ଣନା ରହିଛି । ଏହି ଦୃଷ୍ଟିରୁ ଆମ ତଥାକଥିତ ସନ୍ୟାସୀମାନେ ସ୍ୱକୀୟ କାରଣରୁ ଚମତ୍କାରିତା ସୃଷ୍ଟି କରିପାରୁ ନ ଥିବାରୁ ଯାଦୁବିଦ୍ୟା ବଳରେ ହାତ ସଫେଇକୁ ମାଧ୍ୟମ କରି ନିଜକୁ ଈଶ୍ୱରଙ୍କ ପ୍ରତିନିଧି ଭାବେ ଭେଳିକି ସୃଷ୍ଟି କରିଥାନ୍ତି, ଯାହାକି ଯାଦୁଗୁରୁ ମାଲାୟଥଙ୍କୁ ଯନ୍ତ୍ରଣା ଦେଉଛି ।

ଈଶ୍ୱରଙ୍କ ଅଲୌକିକ ଶକ୍ତିର ମହିମାରୁ ଚମତ୍କାରିତା ସମ୍ଭବ ହୁଏ ବୋଲି ବହୁ ଆସ୍ତିକ ମତ ପୋଷଣ କରି ପାରନ୍ତି । ସେ ଯାହା ହେଉ, ଏତଦ୍‌ବ୍ୟତୀତ ଆମେ ଲକ୍ଷ୍ୟ କରୁଛୁ ଯେ, ଚମତ୍କାରିତା ଯାଦୁ ବିଦ୍ୟାର ହାତ-ସଫେଇରେ ନିହିତ ଥାଏ । ଫ୍ୟାଣ୍ଟାସି-ନଭେଲ୍‌ର ଅଦ୍‌ଭୁତ ମାନସଚିତ୍ର ଓ ଅତିଶୟ କାଳ୍ପନିକ ଚିତ୍ରଣରେ ମଧ୍ୟ ଏହା ପ୍ରସ୍ଫୁଟିତ ହୋଇଥାଏ । ତେବେ ପ୍ରଶ୍ନ ଉଠୁଛି : ଚମତ୍କାରିତା ଏଇ ଅବତାରଣା କଣ ମ୍ୟାଜିକ୍ ଓ ଫାଣ୍ଟାସିର ମନୋରଞ୍ଜନ ପରିସରରେ କେବଳ ସୀମିତ ? ଚିତ୍ତ ବିନୋଦନକୁ ଅତିକ୍ରମ କରିବା ପରି ଏଥିରେ କିଛି ଉପାଦାନ ରହିବା ସମ୍ଭବ କି ? ରାଉଲିଂଙ୍କ ହ୍ୟାରି ପୋଟର୍ ସିରିଜରେ ହ୍ୟାରି ହାତ ନଥିବା ଗୋଟିଏ ଢ଼ିଲା କୁର୍ତ୍ତା ପିନ୍ଧିଛି । ଏହା ଫଳରେ ସେ ଲୋକଲୋଚନରୁ ସହଜରେ ଅଦୃଶ୍ୟ ହୋଇପାରୁଛି । ଏଇ ଧରଣର ବର୍ଣ୍ଣନାକୁ ପାଠକମାନେ ନିଜସ୍ୱ ଢ଼ଙ୍ଗରେ ଗ୍ରହଣ କରିବେ । କେହି କେହି ଏହାକୁ ଅଯୌକ୍ତିକ ବୋଲି ସଂପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ ମଧ୍ୟ କରିପାରନ୍ତି । କିନ୍ତୁ ବିଜ୍ଞାନ-ସ୍ତମ୍ଭିକ ମୁକୁଲ ଶର୍ମା ଏଇ ପ୍ରସଙ୍ଗରେ ଯେଉଁ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି, ତାହା ପ୍ରଣିଧାନ ଯୋଗ୍ୟ ।

ଯୁକ୍ତରାଷ୍ଟ୍ର ଆମେରିକା ଅନ୍ତର୍ଗତ ଇଲିନୟସ ବିଶ୍ୱବିଦ୍ୟାଳୟର ଗବେଷକମାନେ ବିଜ୍ଞାନ-ଜର୍ଣ୍ଣାଲ୍ ''ଅପ୍ଟିକ୍‌ସ ଲେଟର୍‌ସ'' ଗୋଟିଏ ନିବନ୍ଧ ଜୁଲାଇ ୨୦୦୮ରେ ପ୍ରକାଶ କରିଛନ୍ତି, ଯେଉଁଥିରୁ ଜଣାଯାଏ ଯେ, ଯଦି ବହୁସ୍ତର ବିଶିଷ୍ଟ ସକେନ୍ଦ୍ରୀ ସିଲିକନ୍-ସ୍ଫଟିକ ଦ୍ୱାରା କୌଣସି ବସ୍ତୁକୁ ଆବୃତ କରାଯାଏ, ଏବଂ ଏହା ଉପରେ ଆଲୋକପାତ ହୁଏ, ତାହାହେଲେ ବସ୍ତୁଟି ଦୃଶ୍ୟମାନ ହେବ ନାହିଁ । ଏହାର କାରଣ ହେଉଛି ଯେ, ଆମେ କୌଣସି ବସ୍ତୁକୁ ଦେଖିବାକୁ ହେଲେ, ତା'ଉପରେ ପଡୁଥିବା ଆଲୋକ ବିଚ୍ଛୁରିତ କିମ୍ବା ପ୍ରତିଫଳିତ ହୋଇ ଆମ ଆଖି ମଧ୍ୟକୁ ପ୍ରବେଶ କରିବା ଆବଶ୍ୟକ । ନଚେତ୍ ଏହା ଆମକୁ ଦେଖାଯିବ ନାହିଁ । ଇଲିନୟସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଲିକନ୍‌ରେ ଯେଉଁ ପଦାର୍ଥ ନିର୍ମାଣ କରିଛନ୍ତି, ଏଥିରେ ଆଲୋକ ପଡ଼ିଲେ ବିଚ୍ଛୁରିତ ନ ହୋଇ ପଦାର୍ଥଟିର ପାର୍ଶ୍ୱରେ ବୁଲି ଅକ୍ଷତ ଭାବେ ଚାଲିଯାଏ, ଯେମିତି ପାଣି-ଧାର ଗତି-ପଥର ପଥରଟିଏ ହାବୁଡ଼ିଲେ, ପଥରର କଡ଼େ କଡ଼େ ଚାଲିଯାଏ । ଫଳରେ ବସ୍ତୁଟି ଦେଖାଯାଏ ନାହିଁ । ଏପରିକି ତାହାର ଛାୟା ମଧ୍ୟ ସୃଷ୍ଟି ହୁଏ ନାହିଁ । ଅବଶ୍ୟ ଉପରୋକ୍ତ ଗବେଷକମାନେ ବର୍ତ୍ତମାନ ଯାଏ ଯେଉଁ ସଫଳତା ପାଇଛନ୍ତି, ତାହା କେବେଳ ଲୋହିତ ଆଲୋକ ପାଇଁ ପ୍ରଯୁଜ୍ୟ ଏବଂ ପୁଣି ଏଥିପାଇଁ ବସ୍ତୁଟିର ଆକାର କେଶର ମୋଟେଇ ଠାରୁ କମ୍ ହେବା ଆବଶ୍ୟକ । ତେଣୁ ଏଇ ଗବେଷଣାରେ ଉନ୍ନତି ବିଧାନ କରିବାକୁ ପଡ଼ିବ । ଯାହାଫଳରେ ଦୃଶ୍ୟ-ବର୍ଣ୍ଣାଳୀ (ଲୋହିତ ଠାରୁ ବାଇଗଣୀ ରଙ୍ଗ ଯାଏଁ)ର ସବୁ ତରଙ୍ଗ ଓ କେଶ ଠାରୁ ଅଧିକ ପ୍ରଶସ୍ତ ବସ୍ତୁମାନଙ୍କ ପାଇଁ ଏହା ଉପଯୋଗୀ ହୋଇପାରିବ ।

କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବାର୍କଲେର ବୈଜ୍ଞାନିକ ଜିଆଙ୍ଗ ଚାଙ୍ଗଙ୍କ ନେତୃତ୍ୱରେ ଅନ୍ୟ ଏକ ଗବେଷକ-ଦଳ ଏହି ବିଷୟରେ ଅନୁସନ୍ଧାନ ଜାରି ରଖି ''ମୋଟା ମ୍ୟାଟେରିଅଲ୍'' ଧାତୁ ଏବଂ ସିରେମିକ୍ ଟେଫଲାନ୍ ପରି ଏଥିପାଇଁ ଉପଯୋଗୀ ହେଉଥିବା ବସ୍ତୁ ପ୍ରସ୍ତୁତ କରିବାକୁ ଉଦ୍ୟମ ରତ । କିଏ କହିବ, ଏମିତି ଧରଣର ବସ୍ତୁରେ ନିର୍ମିତ ପୋଷାକ ପିନ୍ଧି ଈଶ୍ୱର ଆମ ଗହଣରେ ବୁଲୁଛନ୍ତି, ଯେଉଁଥି ପାଇଁ ଆମେ ତାଙ୍କୁ ଦେଖି ପାରୁ ନାହିଁ । ମାତ୍ର ସେ ଆମର ସବୁ ଭଲ ମନ୍ଦ ଗୁଣ ଲକ୍ଷ୍ୟ କରିପାରୁଛନ୍ତି ।

ସେ ଯାହାହେଉ ଏଥିଯୋଗୁଁ ରାଉଲିଂଙ୍କ ଫାଣ୍ଟାସିରେ ହ୍ୟାରର ପେଷାକରୁ ବିଜ୍ଞାନର ଝଲକ ମିଳୁଛି ବୋଲି ଆମେ ଦାବି କରିବା କି ? ଫାଣ୍ଟାସି ଓ ବିଜ୍ଞାନ ପରସ୍ପରର ନିକଟତର ହେଉଛନ୍ତି କି ? ଆମକୁ ଏହା ଆଚମ୍ବିତ କରୁଛି ।

ଲଙ୍କାରେ ହରି ଶବ୍ଦ ଶୁଣିଲେ, ଆମେ ହଠାତ୍ ଚମକି ପଡ଼ି ଭାବୁ-ଆମ କାନ ଖରାପ ହୋଇ ଯାଇ ନାହିଁ ତ ! ସେମିତି ଗୋଟାଏ ତୁଠରେ ବାଘ ଓ ଛେଳି ପାଣି ପିଇବା ଦେଖିଲେ ଆମକୁ ଲାଗେ ଦୃଷ୍ଟି ଶକ୍ତି ପରୀକ୍ଷା କରିବା ପାଇଁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆମ ପାଇଁ ଜରୁରୀ ନିଶ୍ଚୟ ! ଏହି ପରିପ୍ରେକ୍ଷୀରେ ଫାଣ୍ଟାସି-ଉପନ୍ୟାସରେ ବୈଜ୍ଞାନିକ ସତ୍ୟ ଓ ତଥ୍ୟ ପରିଲିକ୍ଷିତ ହେଲେ, ଆମେ ଦ୍ୱନ୍ଦରେ ପଡିଯାଉ । ସେତେବେଳେ ନେପୋଲିୟନ୍‌ଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଆମେ କହିପାରୁ ଯେ, ଅସମ୍ଭବ ଶବ୍ଦଟି ଅଭିଧାନରୁ ହଟିଯିବା ଆବଶ୍ୟକ । ବାସ୍ତବରେ ଆମ ପଞ୍ଚେନ୍ଦ୍ରିୟରେ ବିଭ୍ରାଟ ସୃଷ୍ଟି ନ କରି ଆମେ ମାନିଗଲେ ଭଲ ହେବ ଯେ, ଏହା ଏକ ପ୍ରାଥମିକ ଚମତ୍କାରିତା- ଏକ ଅତିମାନୁଷ ଘଟଣାର ଅଭ୍ୟାସ ଏଥିରେ ଅନ୍ତର୍ନିହିତ । ପ୍ରିୟ ପାଠକେ ! ଆମେ ଏଇ ପ୍ରବନ୍ଧଟି 'ଚମତ୍କାରିତା' ବିଷୟ ଉପରେ ଦୃଷ୍ଟି ନିବଦ୍ଧ କରି ଆରମ୍ଭ କରିଥିଲୁ । ଏଥିରେ ଅଗ୍ରସର ହେବା ବେଳେ ଫାଣ୍ଟାସିରେ ଯେତେବେଳେ ଆମେ ଅପ୍ରତ୍ୟାଶିତ ଭାବେ ବିଜ୍ଞାନର ଝଲକ ଦେଖିଲୁ, ଏହା ଚମତ୍କାରିତା ଠାରୁ ଭବିଷ୍ୟତରେ କୌଣସି ଗୁଣରେ ହୁଏତ ନ୍ୟୂନ ହେବ ନାହିଁ ବୋଲି ଆମର ହୃଦ୍‌ବୋଧ ହେଉଛି । କିଏ ଜାଣେ, ବୈଜ୍ଞାନିକ ମନକୁ ''ଆଲୋକ ଠାରୁ ବେଗବାନ, ଭାବନା-ସ୍ଥାନାନ୍ତର, କୃତ୍ରିମ ବୁଦ୍ଧିମତ୍ତା, ସମୟ ଯାତ୍ରା, ସିନ୍ଥେଟିକ୍ ଜୀବନ, ଟେଲିପୋର୍ଟେସନ୍ ପରି ଯେଉଁ ବିଷୟମାନ'' ସଂପ୍ରତି ଆଲୋଡ଼ିତ କରୁଛି, ସେଇ ସବୁ ଫାଣ୍ଟାସି-ପର୍ଯ୍ୟାୟରୁ ଓହରି ଆସି ଆମ ବାସ୍ତବ ଜୀବନର ଏକ ପରିଚିତ ଅଂଶ ହୋଇଯିବ । ଏଥିରେ ହିଁ ଅନ୍ତର୍ନିହିତ ହୋଇଛି ଅସମ୍ଭବର ଆହ୍ୱାନ ।